بِسۡمِ اللّٰہِ الرَّحۡمٰنِ الرَّحِیۡمِ

୭ ଅଗଷ୍ଟ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କର କୃତଜ୍ଞତା ଜ୍ଞାପନ କରିବାର ଅସାଧାରଣ ଓ ଅନନ୍ୟ ନମୁନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ କୃତଜ୍ଞତାର ମାନଦଣ୍ଡ ମହାଭାଗଙ୍କ କାର୍ଯ୍ୟ ଓ ଉପଦେଶ ସଂକ୍ରାନ୍ତରେ ଇଂଲଣ୍ଡର **ଜଲ୍‌ସା ସାଲାନା** ପୂର୍ବରୁ ମୁଁ ଆଲୋଚନା କରିଥିଲି । ସେହି ପରିପ୍ରେକ୍ଷୀରେ ଆଜି ମଧ୍ୟ ବର୍ଣ୍ଣନା କରିବି । ଅଲ୍ଲାଃତାଲାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଦିଗରେ ଧ୍ୟାନ ଆକର୍ଷିତ କରି, ମହାଭାଗ ଛୋଟରୁ ଛୋଟ କଥାରେ ବି ଧନ୍ୟବାଦ ପ୍ରକଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହଜରତ ଅନସ୍ ବିନ୍ ମାଲିକ[ର.ଅ] ବର୍ଣ୍ଣନା କରନ୍ତି, ପରମେଶ୍ୱର ନିଜ ଭକ୍ତର ଏହି କାର୍ଯ୍ୟରେ ପ୍ରସନ୍ନ ହୁଅନ୍ତି ଯେତେବେଳେ ସେ କୌଣସି **ଲୁକ୍‌ମା** (ଗୁଣ୍ଡା) ଖାଏ କିମ୍ବା ଢ଼ୋକେ ପାଣି ପିଏ । ଆଉ ସେଥିରେ ବି ସେ ଅଲ୍ଲାଃତାଲାଙ୍କର ପ୍ରଶଂସା କରେ ।

ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ଏକଦା ପୁଣ୍ୟଶ୍ଳୋକ ଘରକୁ ଆସିଲେ ଓ ରୁଟିର ଏକ ଟୁକୁଡ଼ା ପଡି ଥିବାର ଦେଖିଲେ । ହୁଜୁର ତାହାକୁ ଉଠାଇଲେ ଓ ସଫା କରି ଖାଇନେଲେ । ତା'ପରେ କହିଲେ; ହେ ଆଏଶା ! **ସମ୍ମାନଜନକ ଜିନିଷର ସମ୍ମାନ କର** । ଯେତେବେଳେ ଏହି **ରିଜିକ୍** (ଅନ୍ନ)ର ପୁରସ୍କାର କୌଣସି ଜାତି ନିକଟରୁ ଛଡ଼ାଇ ନିଆଯାଏ ତେବେ ତାହା ପୁନର୍ବାର ସେମାନଙ୍କୁ ମିଳେ ନାହିଁ । ଅତଏବ ଏହା ହୁଜୁର[ସ.ଅ]ଙ୍କ ଆଚରଣ ଥିଲା । ମହାଭାଗ କହିଲେ; ଯଦି ଆମେ ନିଜ ରିଜିକ୍‌ରେ **ବରକତ୍** (ଅର୍ଥାତ୍ ସମୃଦ୍ଧି) ପଡିବାର ଇଚ୍ଛା କରୁଛେ, ତେବେ ଆମକୁ ବି ଅଲ୍ଲାଃଙ୍କ ପ୍ରତ୍ୟେକ ଛୋଟରୁ ଛୋଟ ଜିନିଷ ପାଇଁ ତାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ।

ହଜରତ ଇବ୍‌ନେ ଅବ୍‌ବାସ[ର.ଅ] ବର୍ଣ୍ଣନା କରନ୍ତି, ମକ୍କା ବିଜୟ ଦିନ ହୁଜୁର[ସ.ଅ] ଉମ୍ମେ ହାନୀ[ର.ଅ]ଙ୍କ ଘରକୁ ପ୍ରସ୍ଥାନ କଲେ । ସେତେବେଳେ ମହାଭାଗଙ୍କୁ ଭୋକ ଲାଗୁଥିଲା, ତେଣୁ ହୁଜୁର ତାଙ୍କୁ ପଚାରିଲେ ଯେ ତୁମ ଘରେ ଖାଇବା ପାଇଁ କିଛି ଅଛି ? ସେ ଉତ୍ତର ଦେଲେ ଶୁଖିଲା ରୁଟି ଖଣ୍ଡ ବ୍ୟତୀତ ମୋ ଘରେ ଆଉ କିଛି ନାହିଁ ଏବଂ ମୋତେ ଏହି ମାମୁଲି ଖାଦ୍ୟକୁ ମହାନ ଅବତାରଙ୍କ ପାଇଁ ପରସିବାକୁ ଲାଜ ଲାଗୁଛି । ଏଥିରେ ମହାଭାଗ କହିଲେ; (କିଛି କଥା ନାହିଁ) ତାହାକୁ ନେଇଆସ । ତା'ପରେ ମହାଭାଗ ରୁଟିର ଶୁଖିଲା ଖଣ୍ଡକୁ ପାଣି ପକାଇ ନରମ କଲେ । ଇତିମଧ୍ୟରେ ସେ ଲୁଣ ନେଇ ଆସିଲେ । ପୁଣ୍ୟଶ୍ଳୋକ ପୁଣି ପଚାରିଲେ, ଘରେ କୌଣସି ବ୍ୟଞ୍ଜନ ଅଛି କି ? ସେ ଉତ୍ତର ଦେଲେ ଆଜ୍ଞା ଅଳ୍ପକିଛି **ସିର୍‌କା** (ଭିନେଗାର) ବ୍ୟତୀତ

ଅନ୍ୟ କିଛି ନାହିଁ । ହୁଜୁର[ସ.ଅ] କହିଲେ; ତାହାକୁ ନେଇଆସ । ଅତଃ ସେ ଉପସ୍ଥାପନ କଲେ, ମହାଭାଗ ତାହାକୁ ନିଜ ଖାଦ୍ୟ ଉପରେ ଢ଼ାଳିଦେଲେ ଓ ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କ ପ୍ରଶଂସା କରି କହିଲେ; **ସିର୍କା** କେତେ ଉତ୍ତମ ବ୍ୟଞ୍ଜନ । ଯେଉଁ ଘରେ **ସିର୍କା** ଥାଏ, ସେ ଘର କେବେ ଅଭାବଗ୍ରସ୍ତ ହୁଏ ନୁହେଁ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏପରି ଥିଲା ଆମ ପ୍ରିୟ ନବି ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ କୃତଜ୍ଞତା ଜ୍ଞାପନ କରିବାର ମାନଦଣ୍ଡ । ଆମେ ଏହି ଅତ୍ୟାଧୁନିକ ବିକଶିତ ରାଷ୍ଟ୍ରମାନଙ୍କରେ ରହୁଛେ ଓ ଦୟାମୟ ଅଲ୍ଲାଃଙ୍କର ଅଗଣିତ ଅନୁକମ୍ପାରୁ ଉପକୃତ ହେଉଛେ । ତଥାପି ତାଙ୍କ କୃତଜ୍ଞତାର କର୍ତ୍ତବ୍ୟ ସମ୍ପାଦନ କରୁ ନାହେଁ । ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ତୁମ ଶରୀରରେ କେବେ ଛିଣ୍ଡା ପୋଷାକ ଥିଲେ, ତୁମେ କାନ୍ଦିବାକୁ ଲାଗିଥାଅ ଓ କୁହ, **ହାୟ !** କି ଫଟା କପାଳ ଆମର ଯେ ଆମକୁ ଛିଣ୍ଡା ଜାମା ପିନ୍ଧିବାକୁ ପଡୁଛି । ମାତ୍ର ଦେଖ ସାହାବା[ର.ଅ]ଙ୍କୁ ଛିଣ୍ଡା ପୋଷାକ ମିଳିଲେ ସେମାନେ ଅଲ୍ଲାଃଙ୍କ ଛାମୁରେ ନଇଁ ଯାଉଥିଲେ... ଏବଂ କହୁଥିଲେ; କେଡ଼େ ସୁନ୍ଦର ପୋଷାକ ଯାହା ଆମ ଈଶ୍ୱର ଆମକୁ ଦେଇଛନ୍ତି । ସେମାନଙ୍କୁ ଯଦି ଚାରିଦିନ ପରେ ଶୁଖିଲା ରୁଟି ଖଣ୍ଡିଏ ଖାଇବାକୁ ମିଳୁଥିଲା, ତେବେ ଖୁସିରେ ସେମାନଙ୍କ ଚକ୍ଷୁ ଚମକି ଉଠୁଥିଲା ଓ ସେମାନେ **ଅଲ୍‌ହମ୍‌ଦୁଲିଲ୍ଲାଃ** (ଅର୍ଥାତ୍ ସକଳ ପ୍ରଶଂସା ଅଲ୍ଲାଃଙ୍କ ସକାଶେ ଉଦ୍ଦିଷ୍ଟ) କହୁଥିଲେ ।

ହଜରତ ମୁସଲେହ୍ ମଉଦ[ର.ଅ] ଜମାଅତର ସଦସ୍ୟବୃନ୍ଦଙ୍କୁ ସମ୍ବୋଧନ କରି କୁହନ୍ତି; ଯେପର୍ଯ୍ୟନ୍ତ ତୁମ ଅନ୍ତରରେ ଏହି ଭାବନା ସୃଷ୍ଟି ନହୋଇଛି, ଯେ ଅଲ୍ଲାଃ ତୁମକୁ କେଉଁ ଉଦ୍ଦେଶ୍ୟ ସକାଶେ ସୃଷ୍ଟି କରିଛନ୍ତି... ସେପର୍ଯ୍ୟନ୍ତ ତୁମେ କ'ଣ କାମ କରିବ ? ତୁମକୁ ଅଲ୍ଲାଃ ସେହି ସ୍ଥାନରେ ଛିଡ଼ା କରାଇଛନ୍ତି, ଯେ ତୁମ ହୃଦୟ ସର୍ବଦା ଆନନ୍ଦର ଲହଡ଼ିରେ ଭରି ରହିବା ଉଚିତ୍ । ତୁମ ଠାରେ ସର୍ବଦା ସଚେତନତା ଓ ସାବଧାନତା ଦେଖାଯିବା ଉଚିତ୍ । ଯଦି ଏହି ଆତ୍ମା ତୁମ ଅନ୍ତରରେ ସଂଚାର ହୋଇଯାଏ, ତେବେ ତୁରନ୍ତ ତୁମ ଭିତରେ ସେହି ଶକ୍ତି ଉତ୍ପନ୍ନ ହୋଇଯିବ ଯେ ଅଳ୍ପରୁ ଅଳ୍ପ ଖାଦ୍ୟ ମଧ୍ୟ ତୁମକୁ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ଓ ସବଳ କରିଦେବ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହା ସେହି ସୂତ୍ର ଯାହା ସାଧାରଣ ଭାବେ ପ୍ରତ୍ୟେକ ଅହମଦୀଙ୍କୁ ଓ ବିଶେଷ କରି **ଓ୍ୱାକ୍‌ଫିନ୍-ଏ-ଜିନ୍ଦେଗୀ** (ଜୀବନ ଉତ୍ସର୍ଗୀ)ମାନଙ୍କୁ ନିଜ କୃତଜ୍ଞତାର ମାନଦଣ୍ଡ ବୃଦ୍ଧି କରିବା ପାଇଁ ଅବଲମ୍ବନ କରିବା ଉଚିତ୍ । ଏହାର ଅତ୍ୟନ୍ତ ଆବଶ୍ୟକତା ରହିଛି । ସେହିପରି ନିଜ ସ୍ତ୍ରୀପିଲାଙ୍କ ମଧ୍ୟରେ ଏହି ଭାବନା ଉଦ୍ରେକ କରିବା ଉଚିତ୍ । କାରଣ ଯେଉଁ ଉଦ୍ଦେଶ୍ୟ ପାଇଁ ଉତ୍ସର୍ଗୀମାନେ ନିଜକୁ ଉତ୍ସର୍ଗ କରୁଛନ୍ତି, ତାହା ଏକ ଅତ୍ୟନ୍ତ ମହତ ଉଦ୍ଦେଶ୍ୟ । ଆଉ ମହତ ଉଦ୍ଦେଶ୍ୟ ହାସଲ କରିବା ପାଇଁ ସେହିପରି ମହାନ ଉଦ୍ଦେଶ୍ୟ ପ୍ରାପ୍ତକାରୀଙ୍କ ଆଦର୍ଶ ସମ୍ମୁଖରେ ରହିବା ଉଚିତ୍ । ଦେଖ ଯେତେବେଳେ ମହାଭାଗ ଜଳପାନ କରୁଥିଲେ, ସେତେବେଳେ ପାତ୍ରକୁ ଓଠରୁ ପୃଥକ କରି ତିନୋଟି ନିଶ୍ୱାସରେ ପାନ କରୁଥିଲେ । ଆଉ ପ୍ରତ୍ୟେକ ଶ୍ୱାସରେ ସର୍ବଶକ୍ତିମାନ ଅଲ୍ଲାଃଙ୍କର ପ୍ରଶଂସା ଗାନ କରୁଥିଲେ ଓ ଶେଷ ଶ୍ୱାସରେ ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କରୁଥିଲେ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ସହି ବୁଖାରୀରୁ ହଜରତ ଅବୁହୁରେରାଃ[ର.ଅ]ଙ୍କର ଏକ ବିସ୍ତୃତ ବର୍ଣ୍ଣନା ଉପସ୍ଥାପନ କଲେ, ଯେଉଁଥିରେ ସେ ପ୍ରବଳ ଭୋକ ଅବସ୍ଥାରେ ରାସ୍ତାରେ ବସି ଯାତାୟାତ କରୁଥିବା ଲୋକଙ୍କୁ ପବିତ୍ର କୁରଆନର ସେହି ଆୟତ୍‌ର ଅର୍ଥ ପଚାରୁଥିଲେ, ଯହିଁରେ ସାହାଯ୍ୟ ନମାଗୁଥିବା ଲୋକଙ୍କ ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ହଜରତ ଅବୁହୁରେରାଃ[ର.ଅ] ହଜରତ ଅବୁବକର୍[ର.ଅ] ଓ ହଜରତ

ଉମର୍[ର.ଅ]ଙ୍କୁ ଏହାର ଅର୍ଥ ପଚାରିଥିଲେ । କିନ୍ତୁ ସେମାନେ ହଜରତ ଅବୁହୁରେରାଃଙ୍କ ପ୍ରକୃତ ଉଦ୍ଦେଶ୍ୟ ଅର୍ଥାତ୍ ଅବସ୍ଥା ବୁଝିପାରି ନଥିଲେ । ମାତ୍ର ଯେତେବେଳେ ସେ ପବିତ୍ର ଅବତାର ହୁଜୁର[ସ.ଅ]ଙ୍କୁ ଏହାର ଅର୍ଥ ପଚାରିଲେ ସେତେବେଳେ ମହାଭାଗ ସ୍ମିତହାସ୍ୟ ପ୍ରକଟ କଲେ ଓ କହିଲେ; ମୋ ପଛରେ ଆସ । ତା'ପରେ ହୁଜୁର ତାଙ୍କୁ ଏକ କ୍ଷୀର ପାତ୍ର ଦେଲେ ଓ ସେହି କ୍ଷୀର ପାତ୍ରରୁ **ଅହ୍‌ଲେ ସୁଫା** (ସୁଫାର ନିବାସୀ) ପାନ କଲେ । ପୁନଶ୍ଚ ସେହି କ୍ଷୁଦ୍ର ପାତ୍ରରେ ଏତେ କଲ୍ୟାଣ ପଡିଲା ଯେ ସମସ୍ତେ ପେଟଭରି କ୍ଷୀର ପାନ କରିବା ପରେ ମଧ୍ୟ ପାତ୍ରରେ କ୍ଷୀର ବଳି ରହିଲା । ସୁତରାଂ ଶେଷରେ ମହାଭାଗ କ୍ଷୀର ପାତ୍ରଟିକୁ ନେଲେ ଓ ସର୍ବପ୍ରଥମେ ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କଲେ ଓ ତା'ପରେ ସେହି ବଳିଥିବା କ୍ଷୀର ପାନ କଲେ ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ସର୍ବଦା ନିଜ ଉପକାରୀମାନଙ୍କୁ ମନେ ରଖୁଥିଲେ । ସେମାନଙ୍କୁ ଉତ୍ତମ ଶୈଳୀରେ ସ୍ମରଣ କରୁଥିଲେ । ଉଦାହରଣ ସ୍ୱରୂପ ହଜରତ ଖଦିଜାଃ[ର.ଅ]ଙ୍କୁ ସର୍ବଦା ମନେ କରୁଥିଲେ, ସେହିପରି ହଜରତ ଅବୁବକର୍[ର.ଅ]ଙ୍କର ଆଲୋଚନା ମଧ୍ୟ ସ୍ମରଣ କରୁଥିଲେ । ଯେତେବେଳେ ମୁସଲମାନମାନଙ୍କ ଅନ୍ୟାୟ ଓ ଅତ୍ୟାଚାର ସୀମାଲଙ୍ଘନ କରିଗଲା ସେତେବେଳେ ସେମାନଙ୍କ ମଧ୍ୟରୁ କିଛି ସାହାବା ଇଥିଓପିଆ ପ୍ରବାସ କରିଗଲେ । ଇଥିଓପିଆର ତତ୍କାଳିନ ରାଜା ନଜାସୀ ସେମାନଙ୍କୁ ଆଶ୍ରୟ ଦେଲେ । ସୁତରାଂ ମହାଭାଗ ସେହି ରାଜାଙ୍କୁ ସର୍ବଦା ମନେ ରଖିଥିଲେ । ଆଉ ପ୍ରତ୍ୟେକ ଅବସରରେ ତାଙ୍କର ସେହି ଉପକାରର ଚର୍ଚ୍ଚା ବି କରୁଥିଲେ ।

ଖୈବର୍ ଯୁଦ୍ଧ ପରେ ରାସ୍ତାରେ ପବିତ୍ର ଅବତାର ହଜରତ ସଫିୟା[ର.ଅ]ଙ୍କୁ ବିବାହ କଲେ । ବିବାହ ରାତିରେ ହଜରତ ଅବୁ ଅୟୁବ୍ ଖାଲିଦ୍ ବିନ୍ ଜୈଦ୍ ସାରା ରାତି ମହାଭାଗଙ୍କ ଶିବିର ବାହାରେ ପହରା ଦେଲେ । ପ୍ରଭାତରେ ମହାଭାଗ ଯେତେବେଳେ ଉଠିଲେ ଓ ତାଙ୍କୁ ଜଗିବସି ଥିବାର ଦେଖିଲେ । ସେତେବେଳେ ତାଙ୍କ ନିଷ୍ଠା ଓ ଅନୁରାଗ ଦେଖି ହୁଜୁର[ସ.ଅ] ତାଙ୍କୁ ଦୁଆ ଦେଲେ, ହେ ଅଲ୍ଲାଃ ! ତୁମେ ଅବୁ ଅୟୁବ୍‌ଙ୍କୁ ସେହିପରି ରକ୍ଷା କର, ଯେପରି ସେ ସାରା ରାତି ମୋର ସୁରକ୍ଷା କରିଛନ୍ତି ।

ହଜରତ ଉମ୍ରୋ ବିନ୍ ଅଖତବ୍[ର.ଅ] ବର୍ଣ୍ଣନା କରନ୍ତି, ଯେ ଏକଦା ହୁଜୁର[ସ.ଅ] ପାଣି ବରାଦ କଲେ । ଅତଃ ମୁଁ ମହାଭାଗଙ୍କ ପାଇଁ ପାଣି ଘେନି ଆଣିଲି, ସେଥିରେ ଏକ କେଶ ପଡିଥିଲା, ମୁଁ ସେହି କେଶଟିକୁ କାଢ଼ି ଦେଲି । ଏଥିରେ ହୁଜୁର[ସ.ଅ] ମୋତେ ଦୁଆ ଦେଲେ, "ହେ ଅଲ୍ଲାଃ ! ଆଙ୍କୁ ସୁନ୍ଦର କରିଦିଅ ।" ସେହିପରି ହଜରତ ଅନସ୍[ର.ଅ]ଙ୍କ ପାଇଁ ପୁଣ୍ୟଶ୍ଳୋକ ଧନ ଓ ସନ୍ତାନରେ କଲ୍ୟାଣ ଲାଭ ହେବା ପାଇଁ ଦୁଆ କଲେ । ହଜରତ ଅନସ୍[ର.ଅ] କୁହନ୍ତି; ଫଳତଃ ମୋର ଧନ ବହୁତ ଅଧିକ ହୋଇଗଲା ଓ ମୋର ସନ୍ତାନ ତଥା ନାତିନାତୁଣୀଙ୍କ ସଂଖ୍ୟା ଆଜି ଶହେରେ ପହଞ୍ଚି ଯାଇଛି ।

ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ] ଉପଦେଶ ପୂର୍ବକ କୁହନ୍ତି; **ଯେଉଁ ବ୍ୟକ୍ତି ଉପରେ ଉପକାର କରାଯାଇଛି ଓ ସେ ତାହାର ଚର୍ଚ୍ଚା କଲା, ତେବେ ସେ ତାହାର କର୍ତ୍ତବ୍ୟ ସମ୍ପାଦନ କଲା** । ଯିଏ ତାହାକୁ ଗୋପନ ରଖିଲା ସେ ଅକୃତଜ୍ଞ ହେଲା । ମହାଭାଗ ଲୋକମାନଙ୍କ ଠାରୁ ଉପହାର ଗ୍ରହଣ କରୁଥିଲେ ଓ ତାହାର ପ୍ରତିବଦଳ ମଧ୍ୟ ଦେଉଥିଲେ । ହୁଜୁର[ସ.ଅ] କହିଲେ; ଯେଉଁ ବ୍ୟକ୍ତି ଉପହାର ଦିଏ, ଯଦି ତାଙ୍କର ସାମର୍ଥ୍ୟ ଥାଏ ତେବେ ଉପହାରର ପ୍ରତିବଦଳ ଦିଅନ୍ତୁ ଓ ଯଦି ତାଙ୍କର ସାମର୍ଥ୍ୟ ନଥାଏ, ତେବେ ଉପହାର ଦେଇଥିବା ବ୍ୟକ୍ତିର ପ୍ରଶଂସା କରନ୍ତୁ ।

ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ରାତିରେ (ନଓ୍ୱାଫିଲ୍) ନମାଜ୍‌ରେ ଏତେ ଦୀର୍ଘ ସମୟ ଛିଡ଼ା ରହୁଥିଲେ, ଯେ ତାଙ୍କ ପବିତ୍ର ପାଦ ଫାଟି ଯାଉଥିଲା । ଏହା ଦେଖି ହଜରତ ଆଏଶା[ର.ଅ] କହିଲେ; ହେ ଅଲ୍ଲାଃଙ୍କ ରସୁଲ୍[ସ.ଅ] !

ଆପଣ ଏପରି କାହିଁକି କଷ୍ଟ କରୁଛନ୍ତି, ଯେତେବେଳେ କି ପରାକ୍ରମୀ ଅଲ୍ଲାଃ ଆପଣଙ୍କର ତ ପୂର୍ବ ଓ ପରବର୍ତ୍ତୀ ସମସ୍ତ ପାପ କ୍ଷମା କରି ଦେଇଛନ୍ତି ? ପ୍ରତିଉତ୍ତରରେ ମହାଭାଗ କହିଲେ; ତେବେ କ'ଣ ମୁଁ ଜଣେ କୃତଜ୍ଞ ଭକ୍ତ ହେବାକୁ ପସନ୍ଦ କରିବି ନାହିଁ ? ଦେଖ ହୁଜୁର[ସ.ଅ] ନମାଜ୍‌ରେ କିପରି ରୋଦନ କରୁଥିଲେ ଓ ଆତୁରତାର ସହ ନମାଜରେ ଦଣ୍ଡାୟମାନ ରହୁଥିଲେ, ଯେ ତାଙ୍କ ପବିତ୍ର ପାଦ ଫୁଲି ଯାଉଥିଲା । ହୁଜୁର[ସ.ଅ]ଙ୍କ ଏହି ନମୁନାର ଅନୁକରଣ କରି ସାହାବାମାନେ ମଧ୍ୟ ନମାଜ୍‌ରେ ସେହିପରି ଆତୁର ହୋଇ ଅଶ୍ରୁ ଝରାଉ ଥିଲେ ।

ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; ପବିତ୍ର ଅବତାରଙ୍କର ଏହି ଅବସ୍ଥା ଆମ ଠାରୁ ଦାବି କରୁଅଛି, ଯେ **ଆମେ ଅଲ୍ଲାଃତାଲାଙ୍କ ଅନୁଗ୍ରହ ପାଇଁ କୃତଜ୍ଞ ହୋଇ ନିଜ କୃତଜ୍ଞତାକୁ ଚରମ ସୀମାରେ ପହଞ୍ଚାଇବା** । କୃତଜ୍ଞତା ଅର୍ଥ କେବଳ ବସି ରହିବା ନୁହେଁ । କୃତଜ୍ଞତା ନିଜ କାର୍ଯ୍ୟରେ ଅଧିକ ଉନ୍ନତି ଚାହେଁ । ମହାଭାଗ ଧର୍ମନିଷ୍ଠର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ଥିଲେ । ତେଣୁ ସେ **ଅବ୍‌ଦେ ଶକୁର୍** (କୃତଜ୍ଞ ଭକ୍ତ) ହେବାର ଶିର୍ଷରେ ଆସିନ୍ନ ହୋଇଥିଲେ । ଆଉ ଆମକୁ ଶିକ୍ଷା ଦେଲେ, ଯେ ଯଦି ଈଶ୍ୱରଙ୍କ ପ୍ରକୃତ ଭକ୍ତ ହେବାର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଚାହୁଁଛ ତେବେ ତୁମେ ମଧ୍ୟ **ଅବ୍‌ଦେ ଶକୁର୍** ହୁଅ । ଯେପରି ତୁମ ଉପରେ ଈଶ୍ୱରଙ୍କର କୃପାବୃଷ୍ଟି ହେବ । ସେହିପରି ତୁମେ ନିଜ ଉପାସନାର ମଧ୍ୟ ଉଚ୍ଚ ସ୍ତର ହାସଲ କର ଓ (ଈଶ୍ୱରଙ୍କ) କୃତଜ୍ଞତା ଜ୍ଞାପନ କର ।

ଈଶ୍ୱରଙ୍କ ଅନୁଗ୍ରହର ପରିଣାମ ସ୍ୱରୂପ ଅଳସୁଆମି ହେବା ଉଚିତ୍ ନୁହେଁ, ବରଂ ଉପାସନା କରିବାରେ ଆଗକୁ ବଢ଼ିବା ଉଚିତ୍ । ହଜରତ ମୁସଲେହ୍ ମଉଦ[ର.ଅ] ଗୋଟିଏ ସ୍ଥାନରେ କହିଛନ୍ତି, ସେହି ବ୍ୟକ୍ତି ଅଜ୍ଞ ଯିଏ କହିଲା, ତୁମର କରୁଣା ହିଁ ମୋତେ ଅହଂକାରୀ କରିଦେଇଛି । ଅର୍ଥାତ୍ ଅଲ୍ଲାଃଙ୍କ କରୁଣା ପ୍ରାପ୍ତି ମୋତେ କୃତଜ୍ଞ ହେବା ପରିବର୍ତ୍ତେ ଅହଂକାରୀ ଓ ଉଦ୍ଧତ କରି ଦେଇଛି । ମନେରଖ ! ଅଲ୍ଲାଃଙ୍କ ଅନୁକମ୍ପା ମଣିଷକୁ ଅହଂକାରୀ କରେ ନାହିଁ, କି ବିଦ୍ରୋହି କରେ ନାହିଁ । ବରଂ ଅଧିକ କୃତଜ୍ଞ ଓ ଆଜ୍ଞାକାରୀ କରିଥାଏ । ସୁତରାଂ ତୁମେମାନେ ପୂର୍ବ ଅପେକ୍ଷା ଅଧିକ ଆଜ୍ଞାକାରୀ ହୁଅ, କାରଣ ଈଶ୍ୱର କୁହନ୍ତି; ତୁମକୁ ଯାହା ବି ଦିଆଯାଇଛି, 'ଯଦି ତୁମେ ସେଥିପାଇଁ କୃତଜ୍ଞ ହେବ ତେବେ ମୁଁ ତୁମକୁ ଆହୁରି ଅଧିକ ପ୍ରଦାନ କରିବି ।'

ଅଲ୍ଲାଃତାଲା ଆମକୁ ପ୍ରକୃତ କୃତଜ୍ଞ ଓ ଉପାସନାକାରୀ କରାନ୍ତୁ । ଆମେ ସର୍ବଦା ତାଙ୍କୁ ଅନୁଗ୍ରହ ପ୍ରାପ୍ତ କରିବାକୁ ସମର୍ଥ ହେଉ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

7th August 2026

*Translated to Odia by :* Moulavi Anwar Ahmad Khan